# ପିଲାଙ୍କ କଥା

## (କନ୍ଧାନ)

### ଦ୍ୱିତୀୟ ଭାଗ



# ପିଲାଙ୍କ କଥା (କନ୍ଧାନ)

## ଦ୍ୱିତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


**ନିର୍ଦ୍ଦେଶକ**
ପ୍ରଫେସର ଅଖିଳ ବିହାରୀ ଓତା

**ପ୍ରସ୍ତୁତି**
କନ୍ଧାନ ସଂସାଧକ ମଣ୍ଡଳୀ
ଶ୍ରୀ ଚନ୍ଦ୍ରଧ୍ୱଜ ସିଂ ଭୋଇ
ଶ୍ରୀ ଶିବ ପ୍ରସାଦ ସିଂ ଭୋଇ

**ସଂଯୋଜନା**
ଡ଼ଃ ପରମାନନ୍ଦ ପଟେଲ

**ଅଳଙ୍କରଣ**
ପ୍ରିୟରଞ୍ଜନ ବରାଳ

**ପ୍ରକାଶକ**
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**Director :**
Prof. (Dr.) A.B. Ota

**Prepared by :**
Kandhan Resource Group
Sri Chandra Dwaja Singh Bhoi
Sri Siba Prasad Singh Bhoi

**Co-ordinator :**
Dr. Paramananda Patel

**Illustration :**
Priyaranjan Baral

**Published by :**
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ କନ୍ଧାନ ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# କୁଲ୍‌ହିଆ ବିଚାର (ବିଲୁଆ ବିଚ୍ଚର)

ଗାଁର ବେଶମୁଡା ଥି ବନ୍ଧ ଗୁଟେକ ରେଲ । ସେ ବନ୍ଧର ଛୁମେ ପାନିତଡ଼ା ଗୁଟେକ ଫୁନି ରେଲ । ସେ ପାନି ଡୋର ଉଡ଼ାଥି ବେଙ୍ଗ, କାଁକରା, ଘୁଲି, ସାନ ସାନ ଗିରଗିରି ମାଛ ରହତରଲେ । ଶୋଷ କଲେ ଗାଏ, ଦାମ୍ଭୁ, ଛେଲ, ମେନେ ଆତିଆ ଆରୁ ପାନି ପିତିଆ । ବେଲୁଁବେଲେ କିଅଁଟ ଆଶାକେରା ଥୁପି, ଗିରନା ଧେର୍‌ତେ ଭଡ଼ାର ପାନି ଛେଦାତେ ମାଛ, ଘୁଲି ମେନକେନେ ଯାତେଲେ । ହେତୁର୍ ସୁତୁନ୍ ମାଛ, ଘୁଲି ବେଙ୍ଗମେନେ କେନ୍ ଫୁନି ପାନି ପିତେ ଆସ୍‌ଲେ ବନ୍ଧର୍ ପାନି ଭିତର୍‌କେ ସମତେ ଯାତେ ରେଲେ । ଆର କେବେ କେବେ କୁଲ୍‌ହିଆ, ଖେର୍କିଲ ମେନେ ଫୁନି ବନ୍ଧକେ ପାନି ପିଆତିଆ । ଥାରେକ୍ କୁଲ୍‌ହିଆ ପଟେକ୍ ଆସ୍ତେ ପାନି ପିଇବା ସୁତୁନ୍ ଛୁମକେ ଆସଲ ।



ଗୋଟିଏ ଗାଁର ଶେଷ ମୁଣ୍ଡରେ ପୋଖରୀଟିଏ ଥାଏ । ପୋଖରୀକୁ ଲାଗି ଛୋଟ ଗାଡ଼ିଆଟିଏ ଥିଲା । ସେଇ ଗାଡିଆରେ ବେଙ୍ଗ, ମାଛ, ଗେଣ୍ଡା ଓ ସାନ ସାନ ମାଛ ଗୁଡିକ ରହୁଥିଲେ । ସମୟ ସମୟରେ ଛେଳି, ମେଣ୍ଢା, ଗାଈ ବଳଦ ଆଦି ପାଣି ପିଉଥିଲେ । ଆଉ କେବେ କେବେ ବିଲୁଆ, କୋକିଶିଆଳୀମାନେ ମଧ୍ୟ ଆସି ପାଣି ପିଉଥିଲେ । ଆଉ କେବେ କେବେ କେଉଟମାନେ ମଧ୍ୟ ଜାଲ ପକାଇ ମାଛ, ଗେଣ୍ଡାମାନଙ୍କୁ ଧରି ନେଉଥିଲେ । ସେଥିପାଇଁ ଗାଡିଆରେ ଥିବା ବେଙ୍ଗ, ମାଛ ଗୁଡିକ ଡରି ପାଣି ଭିତରକୁ ପଳାଇଯାଇ ଲୁଚି ରହୁଥିଲେ । ଦିନେ ଗୋଟିଏ ଶୋଷିଲା ବିଲୁଆ ଗାଡ଼ିଆର ପାଣି ପିଇବାକୁ ଆସିଲା ।

**ଗୁଟେକ୍ ଡୁରା ବେଙ୍ଗ୍ ପାନିର୍ ତରାର ଥି ବସ୍‌ତେ ରିଏ । କୁଲ୍‌ହିଆ ପାନି ପିଇବାର ସୁତୁନ ଆସ୍ତେ ଦେଖିତେ ଡୁରା ବେଙ୍ଗ୍ କୁଲ୍‌ହିଆ କେ ଦରଲ- ଏ ମୁଇଁ ଇ ବନ୍ଧର ରାନୀ । ତୁଇ ମକେ ନା ପଚାର୍‌ତେ ପାନି ନା ପି ପାରିବସ୍ । କୁଲ୍‌ହିଆ ଖୋବ୍ ଶୋଷ ଲାଗତେଲ । ସେ ବେଙ୍ଗକେ ବିନତି ହତେ ବଲ୍‌ଲ – ହଁ ରାନୀ ମାଁ ଆଜ୍ ପିଅଛେ । ଆରଦିନ୍ ଆସ୍‌ଲେ ତମ୍‌କେ ପାଚାରାତେ ପିମି । ହଲେ କୁଲ୍‌ହିଆ ବେଙ୍ଗ୍‌କେ ମନେ ମନେ ରିଷାଲ ଆରୁ ତାର ଭଏ, କୁଟୁମ୍ବ ପିଲାକେ ଠୁଲ୍ କେରତେ ବେଙ୍ଗ ମେନ୍‌କେ ବନ୍ଧର ପାନିକୁ ଦେରତେ ମାରବାକେ ବୁଦ୍ଧିବେଲ । କୁଲ୍‌ହିଆ ମେନକେ ଡୁଲ ପଲାକେ କୁଲ୍‌ହିଆ ବଲ୍‌ଲ ଦେଖା ମୁଇଁ ବଜା ବଜାତେ ଗୀତ୍ ଗାମିଁ- ଧଡ଼୍ ଧଡ଼୍ ଧଧଡ଼୍ ଧାଡ଼୍ । ତମେମେନେ ଗୀତ ଗା ବାସ :- ଦୁଇ ଝନ୍ କେ ଝନେକ ଧାର ।**



ହେଲେ ଗାଡ଼ିଆ ଭିତରେ ଥିବା ବଡ଼ ବେଙ୍ଗଟିଏ ପାଣି ପାଖରେ ରହି ବସିଥାଏ । ବିଲୁଆକୁ ଆସ୍ତେ ପାଣି ପିଇବାର ଦେଖି ବେଙ୍ଗ ବିଲୁଆକୁ କହିଲା- ଏ ବିଲୁଆ, ମୁଁ ଏ ଗାଡ଼ିଆର ରାଣୀ । ତୁ ମୋତେ ନ ପଚାରି କେମିତି ପାଣି ପିଇବୁ ? ବିଲୁଆ ଭାରୀ ତୃଷାର୍ତ୍ତ ଥିଲା ତେଣୁ ନେହୁରା ହୋଇ କହିଲା- ରାଣୀ ମା ମୁଁ ଆଜି ପିଇ ଦେଉଛି । ଅନ୍ୟ ଦିନ ଆସିଲେ ତମକୁ ପଚାରି ପିଇବି । ମନେ ମନେ ବେଙ୍ଗ ପ୍ରତି ରାଗିଲା ଆଉ ତାର ଭାଇ ଭଉଣୀ କୁଟୁମ୍ବଙ୍କୁ ଡାକି ବନ୍ଧରେ ଥିବା ବେଙ୍ଗମାନଙ୍କୁ ଧରିବାକୁ ଉପାୟ କଲା । ବିଲୁଆ ତା'ର ସାଥୀମାନଙ୍କୁ କହିଲା –ଦେଖ ଭାଇ ମୁଁ "ଧଡ଼୍ ଧଡ଼୍ ଧଧଡ଼୍ ଧଡ଼୍" ବୋଲି ଗୀତ ଗାଇଲେ ତୁମେ ମାନେ- 'ଦୁଇ ଜଣକୁ ଜଣେ ଧର'

**ଇନ୍ତି ଇନ୍ତି କେତେ ନାଚତେ ନାଚତେ ବନ୍ଧର ଛୁମ୍ କେ ଯାତୁଁ । ଆରୁ ବେଙ୍ଗମେନେ ତୋ ଆମର ଗୀତ୍ ଶୁନତେ ପାନିର୍ ନୁଁ ବାହାରକେ ଆସ୍ତେ ନାଚ ଦେଖ୍‌ତେ ରେବେ । ହେତିକ୍ ବେଲକେ ସାବୁ ଆମ୍ କୁଲ୍‌ହିଆ ମେନେ ବେଙ୍ଗମେନକେ ତୋପୋ ଧେରତେ ଟଁଟୀ ଚିପ୍‌ଦିମୁଁ । ଏଛନ୍ କୁଲ୍‌ହିଆ ଠୁଲ ହତେ ଗୀତ୍ ଗାତେ । ବାଜା ବଜାତେ ବନ୍ଧର ପାନି ତରାକେ ଯାଛେତ୍ ।**



ବୋଲି ଗୀତ ବୋଲିବ, ତା'ପରେ ଆମେ ଗୀତ ଗାଇ ନାଚି ନାଚି ପାଣି ପାଖକୁ ଗଲେ ଆମର ନାଚଗୀତ ଦେଖିବାକୁ ପାଣି ଭିତରୁ ବେଙ୍ଗମାନେ ପଦାକୁ ଆସିବେ- ସେତେବେଳେ ଆମେମାନେ ବେଙ୍ଗମାନଙ୍କୁ ଆକ୍ରମଣ କରି ତଣ୍ଟିଚିପି ମାରିଦେବା ସବୁ ବିଲୁଆ କଥାଟା ବୁଝିଯାଇ ଗୀତ ଗାଇ ଗାଇ, ନାଚି ନାଚି ଗାଡ଼ିଆ ପାଖକୁ ଆଗେଇଲେ ।

ସେ ଘୁତ ବେଙ୍ଗମେନେ ଆଁ କେର୍‌ତେ କୁଲ୍‌ହିଆ ମେନକର ଗୀତ ଶୁନବାକେ ପାନିର୍ ନୁ ବାହାର ତେ ପାନି ତରାତର ଠିଲ୍ ହତେ ଦେଖଛେତ । ବେଙ୍ଗମେନ୍‌କର ରଜା ତୁରାବେଙ୍ଗ କୁଲ୍‌ହିଆ ମେନ୍‌କର୍ ଗୀତ୍‌କେ ଜାନିପାର୍‌ଲ ଆରୁ ବେଙ୍ଗ୍‌ମେନେକେ ବଲ୍‌ଲ- ଏ ଭାଏମେନେ ଦେଖା କୁଲ୍‌ହିଆ ମେନେ ଧଡ଼୍ ଧଡ଼୍ ଧଧଡ଼୍ ଧଡ଼୍, ଦୁଇ ଝାନ୍‌କେ ଝନେକ୍‌ଦେର୍ ବଲତେ ଗୀତ୍ ଗାଆତେ ନାଚତେ ଆମକେ ମାରବାର ସୁତୁନ୍ ଆସଛେତ । ହଲେ ମୁଁଇ ଗୀତ ଗାଆମି – ଟିମ୍, ଟିମ୍, ଟିଟିମ୍ ଟିମା । ପଛଘୁଚା ଦେତେ ପାନ୍‌କେ ଯିମା । ତମେ ଫୁନି ଗୀତ୍ ଗା-ଗା କେତେ ପାନି ଭିତରକେ ଖାସର୍ ତେ ଯାତେ ରେବାସ୍ । ଛେନ୍ କୁଲ୍‌ହିଆ ମେନେ ଗୀତ ଗାଲେ - ଧଡ଼୍ ଧଡ଼୍ ଧଧଡ଼୍ ଧାର, ଦୁଇ ଝନେକେ ଝନେକ୍ ଧାର । ବେଙ୍ଗମେନେ ଫୁନି – ଟିମ୍ ଟିମ୍ ଟିଟିମ୍ ଟିମା, ପଛ ଘୁଚା ଦେଦେ ପାନ୍ ଯିମା । ଇନ୍ତି ଇନ୍ତି କେତେ କୁଲ୍‌ହିଆ ପାନ୍ ତରାକେ ଆସବାର କେ ବେଙ୍ଗମେନେ ଫୁନି ଖାସର ତେ ଖାସର ତେ ପାନି ଭିତରକେ ଭାଗତେ ଗେଲେ । କୁଲ୍‌ହିଆ ମେନେ ଗୁଟେକ୍ ପୁନି ବେଙ୍ଗକେ ଧାରି ନା ପାରି ଆରୁ ମୁହଁ ଶୁଖାତେ ଭାଗତେ ଆସଲେ ।



ସେପଟେ ବେଙ୍ଗୁଲୀରାଣୀ ଗୀତ ଶୁଣି ଅର୍ଥ ବୁଝିଗଲା ଆଉ ସିଏ ମଧ୍ୟ ସବୁ ବେଙ୍ଗମାନଙ୍କୁ ଏକତ୍ର କରି ଧଡ୍ ଧଡ୍ ଧଧଡ୍ ଧଡ୍, ଦୁଇ ଜଣକୁ ଜଣେ ଧର୍ କହି ଆମକୁ ମାରିବାକୁ ଆସୁଛନ୍ତି କଥା ବୁଝାଇ ଦେଲା ଆଉ କହିଲା- ଦେଖ ମୁଁ ଯେତବେଳେ – "ଟିମ୍ ଟିମ୍ ଟାଟୀମ୍ ଟୀମା" ଗୀତ ଗାଇବି ତୁମେମାନେ ପଛ ଘୁଞ୍ଚା ଦେଇ ପାଣିକି ଯିବ ବୋଲି ଗୀତ ଗାଇ ଗାଇ ପାଣି ଭିତରକୁ ପଳେଇ ଯିବ । ଏବେ ସେପଟେ ବିଲୁଆମାନେ ଧଡ୍ ଧଡ୍ ଧଧଡ୍ ଧଡ୍ ଦୁଇ ଜଣକୁ ଜଣେ ଧର ଗୀତ ଗାଇ ଗାଇ ନାଚି ନାଚି ଗାଡ଼ିଆ ଆଡ଼କୁ ଅଗ୍ରସର ହେଲା ବେଳକୁ ବେଙ୍ଗମାନେ ମଧ୍ୟ ଟିମ୍ ଟିମ୍ ଟିଟିମ୍ ଟିମା, ପଛ ଘୁଞ୍ଚାଦେଇ ପାଣିକୁ ଯିବ । ଗୀତ ଗାଇ ଗାଇ ଡେଇଁ ଡେଇଁ ପଛକୁ ଘୁଞ୍ଚି ଘୁଞ୍ଚି ପାଣି ଭିତରକୁ ପଶି ଲୁଚିଗଲେ । ବିଲୁଆମାନେ ଗୋଟିଏ ମଧ୍ୟ ବେଙ୍ଗ ଧରି ନ ପାରି ମୁହଁ ଶୁଖାଇ ପଳାଇ ଗଲେ ।

**ପିଲାଙ୍କ କଥା**

# ଚୂହିନୀ (ଡାଆଣୀ)

**ମଗ୍‌ଶିର୍ ଗଲ ପୁଷ୍‌ମାସ୍‌ର ପୁନିଆସତ୍ । ହଲିଆ ପିଲା ମେନେ ତାକର୍ ମହାଜନ ଠାନୁ ବରତନ୍ ପାବେ । ବାହାବନ୍ଧାନ୍ ନୁ ମୁକଲ୍‌ତେ ହବେ । ପୁଷପୁଁନ ଆସଲ । ସାବୁ ଘେରର ହଲିଆ ପିଲାମେନେ ଠୁଲହତେ ଘେର ଘେର୍ ବୁଲ୍‌ତେ ଛେରା ଛେରା ମାଙ୍ଗତେ ଆନଲେ ଆରୁ ଖାଲାଛଣା ଭଟାଡି ରାନ୍ଧତେ ଖାଲେ । ଦୁସରା ଦିନ୍ ଆର୍ ଥାରେକ୍ ଘେର ଘେର ଯା କେତେ ପୁଷପୁନି ମଡ଼ା ମାଙ୍ଗତେ ଆନ୍‌ଲେ ଆରୁ ସାଙ୍ଗମେନକର ସୁଦା ଭାଗ କେରତେ ଖାଲେ । ହଲେ ଗୁଟେକ୍ ଆଗୁଲତେ ଗଲ । ଇ ପିଠା ମଡାକେ କାଠକିମୁ ବଲତେ ବିଚାର ବାନ୍ଧଲେ । ଗୁଟେକ୍ ହଲିଆ ପିଲା ସେ ମଡ଼ା ପିଠା କେ କେତେ ବନ୍ଧର ହିରେ ତପ୍‌ତେ ଦେଲ ଆରୁ ବନ୍ଧର ଫଟେକ ଦେଲେ ବଲ୍‌ଲ –**



ମାର୍ଗଶିର ଯାଇ ପୌଷ ଆସିଲା । ପୌଷମାଷରେ ହଳିଆ ମାନଙ୍କର ଚୁକ୍ତି ଶେଷ ହୋଇଯାଏ । ସେମାନେ ମାଲିକଙ୍କଠାରୁ ବର୍ଷକର ଚୁକ୍ତି ହେବାରୁ ଆନନ୍ଦର ସହିତ ପୌଷ ପୂର୍ଣ୍ଣିମା ପାଳନ କରନ୍ତି । ହଳିଆ ଟୋକାମାନେ ରୁଣ୍ଡ ହୋଇ ଘର ଘର ବୁଲି ବିଦାକି ଭାତିଆ ମାଗି ପଦାରେ ଭୋଜିଭାତ କରି ମସଗୁଲ କରନ୍ତି । ପୌଷ ପୂର୍ଣ୍ଣିମାରେ ସବୁ ଘରେ ପିଠା ପଣା କରିଥାନ୍ତି । ବିଷେଶ କରି ମଣ୍ଡା ପିଠା ସମସ୍ତଙ୍କର ଆଦର । ହଳିଆ ଟୋକାମାନେ ମଧ୍ୟ ତା'ପର ଦିନ ସକାଳୁ ମାଲିକ ଘରମାନଙ୍କ ଠାରୁ ମଣ୍ଡାପିଠା ମାଗିଆଣି ଶରଧାରେ ଖାଇଲେ । ହେଲେ ଗୋଟିଏ ମଣ୍ଡାପିଠା ବଳିଗଲା । ଏହି ମଣ୍ଡା ପିଠାକୁ କଣ କରିବୁ ବୋଲି ବିଚ଼ର କଲେ । ଗୋଟିଏ ହଳିଆ ପିଲା ସେ ମଣ୍ଡା ପିଠାକୁ ନେଇ ବନ୍ଧ ହିଡ଼ରେ ପୋତି ଦେଲା ।

**ଦେଖରେ ମଡ଼ା ଆସ୍‌ବାର କାଲ୍‌କେ ତୁଇ ଯଦିର ପୁନି ଗୋଟେ ମଡ଼ାଗଡ ନା ହତେ ରିବିସ୍ ହଲେ ମୁଇଁ ମାମୁଁ ଘେରର କୁନ୍‌ରୀ ଆନି ତକେ ଛୋକେ କେତେ କାଟଦିମି । ସତ୍‌କେ ସତ ଆର୍ ଦିନ୍ ହଲିଆ ପିଲା ଦେଖଲ ଯେ କେନ୍ତ କେତେ ଯେ ସେ ଥାନେ ମଡ଼ାଗେଛେ ଗୁଟେକ ଗଜା ଦେଲାଛେ । ପିଲା ଶାରଧ ହତେ ଆର୍ ଫଟେକ୍ ପାନି ଦେତେ ବଲ୍‌ଲ :- ଦେଖରେ ଗେଡ କାଲ୍‌କେ ତୁଇ ଯଦିର ଫୁନି ଆର୍ ଖଣେକ ବଡ଼ ନା ହତେ ରିବିସ୍ ହଲେ ମାମୁଁ ଘେରର କୁନ୍ଦ୍‌ରୀ ଆନ୍‌ତେ ଛୋକୋ କେତେ କାଟଇଦମି । ଇନ୍ତି ଇନ୍ତି କେତେ ମଡ଼ାଗେଛ ବଡ଼ ହତେ ଫଲ୍‌ଫଲ୍‌ଲ । ହଲିଆ ପିଲା ଦିନକେ ଗୁଟେକ୍ ମଡ଼ା ଖାତେ ଖାତେ ଛପରା ଦିଶଲ । ସେ ଗାଁଥି ଗୁଟେକ ଚୂହିନୀ ବୁଢ଼ୀରେଲ ।**



ମୁନ୍ଦାଏ ପାଣି ଦେଇ କହିଲା – ଦେଖ, ମଣ୍ଡାପିଠା ତୋତେ ପୋତିଦେଇ ଯାଉଛି, ତୁ ଆସନ୍ତା କାଲିକୁ ମଣ୍ଡା ଗଛଟିଏ ହେଇଥିବୁ ନହେଲେ ମାମୁଁ ଘରୁ କଙ୍କୁରୀ ଆଣି ତୋତେ ଗଡ଼ ଗଡ଼ କରି କାଟିଦେବି । ସତକୁ ସତ ତା’ ପରଦିନ ଟୋକାଟା ବନ୍ଧ ହୁଡ଼ାକୁ ଯାଇ ଦେଖିଲା ଗୋଟିଏ ମଣ୍ଡାଗଛ ଗଜୁରି ଉଠିଛି । ଟୋକା ଖୁସି ହୋଇ ଆଉ ମୁନ୍ଦିଏ ପାଣି ଦେଇ ମଣ୍ଡା ଗଛକୁ କହିଲା, ଦେଖ୍ ମଣ୍ଡା ଗଛ ତୁ ଯଦି କାଲିକି ଚାଖଣ୍ଡେ ଉଚ୍ଚ ହୋଇ ନଥିବୁ ତା’ହେଲେ ମାମୁଁ ଘରୁ ଗୋଟିଏ କଟୁରୀ ଆଣି ହାଣିଦେବି । ଏମିତି ସବୁଦିନ କହି ଚାଲିବାରୁ ମଣ୍ଡା ଗଛ ମଧ୍ୟ ବଡ଼ ହୋଇ ଫଳ ଧରିଲା ଓ ଫଳ ଗୁଡିକ ପାଚିବାକୁ ଲାଗିଲା । ହଳିଆ ଟୋକାଟା ସେ ମଣ୍ଡାଫଳ ପ୍ରତିଦିନ ଖାଇଲା ଓ ଏବେ ସେ ହୃଷ୍ଟ ପୃଷ୍ଟ ହୋଇ ସୁନ୍ଦର ଦିଶିଲା । ସେଇ ଗାଁରେ ଗୋଟିଏ ବୁଢ଼ୀ ଡାହାଣୀ ଥାଏ ।

**ସେ ଚୂହିନୀ ବୁଢ଼ୀର ଧାଙ୍ଗରୀ ନାତେନ୍ ଗୁଟେକ୍ ରେଲ । ସୁନ୍ଦରୀ ସୁନ୍ଦରା ପିଲାମେନ୍‌କେ ବୁଢ଼ୀ ତାର ନାତେନ୍‌କେ ବିହାଦିମି ବଲତେ ଭୁଲାତେ କେତେ ପିଲାର ଗାଗର୍‌କୁ ମନ୍ତର ବଲେ ରକତ୍ ଚୂହିପିଅ ତରଲ । ଇନ୍ତି ଇନ୍ତି କେତେ ପିଲାମେନେ କେତେକ ଦିନ ଯାତେ ବେମାର ହେତେ ବୁଢ଼ୀର ଘେରୁ ଭାଗତେ ଯାତେଲେ ଇ ହଲିଆ ପିଲାକେ ଫୁନି ଡାକ୍‌ତେ ତାର ଘେରକେ ନେଲ ବୁଢ଼ୀ ।**



ସେ ବୁଢ଼ୀର ସୁନ୍ଦରୀ ନାତୁଣୀ ଗୋଟିଏ ଥିଲା । ଡାହାଣୀ ବୁଢ଼ୀ ସୁନ୍ଦର ସୁନ୍ଦର ଟୋକାମାନଙ୍କୁ ନାତୁଣୀକୁ ବାହା ଦେବି ବୋଲି କହି ଭୁଲାଇ ଆଣେ ଓ ତା'ର ରକ୍ତକୁ ମନ୍ତ୍ର ବଳରେ ଶୋଷି ଖାଏ । ଏମିତି କେତେକ ଭେଣ୍ଡିଆ ପିଲାମାନେ କେତେଦିନ ପରେ ବେମାର ପଡ଼ି ବୁଢ଼ୀ ଘରୁ ପଳାଇ ଯାଆନ୍ତି । ସେଇ ହଳିଆ ଟୋକାକୁ ମଧ୍ୟ ଭୁଲାଇ ଆଣି ଘରେ ରଖିଲା ।

ପିଲା କେତେଦିନ ରହଲ । ହଲିଆ ପିଲା ଦିନେକ ରାତି ଦେଖଲ ଯେ ବୁଢ଼ୀ ନାଙ୍ଗଲା ହତେ ବନ୍ଧର ହିରେ ଗୋଡ଼୍ ଦୁଇଟାକେ ଉପରକେ ଉଠାତେ, ହାତ ଦୁଇଟାଥି ଚାଲତେ ଚାଲତେ ବନ୍ଧର ହିରର ଶୁକା ଗୁଁ ନେଡ଼ି ମେନକେ ବେଟ୍‌ତେ ଖାଛେ । ବୁଢ଼ୀର ପୁଣି ଥି ମାଏଟ୍ ବଏଠା ଗୁଟେକ୍ ଜଲଛେ ଆରୁ ହତେ ଚାଲି ଚାଲି ବନ୍ଧର ତାରା ତାରା ବୁଲଛେ । ସାକାଲ ହତାବେ ବୁଢ଼ୀ ଯେନ୍‌ତା କେ ସେନ୍‌ତା ଦିଶଛେ । ହଲିଆ ପିଲା ଇଟା ଦେଖତେ ବୁଢ଼ୀର ନାତେନ୍ କେ ସାବୁ କ' ଦେଲ । ନାତେନ୍‌ର ତୋ ଆଗେ ମନ୍‌କେ ଇ କାଥା ବିଶାସ ନ ହଲ । ହଲେ ସେ ଦିନର ରାତି ନାତେନ୍‌ର ଆଁଖ କେ ନିନ୍ଦ ନାହଲ । ନାତେନ୍ ଦେଖଲ ଯେ ହଲିଆ ପିଲା ଶଲଛେ ଆରୁ ବୁଢ଼ୀ ଥତ୍‌ନା ନୁ ଗୁଟେକ୍ ସୁତା ଯାତେ ହଲିଆର ପିଲାର ଗାଗରେ ଛିଁ ହଲାଛେ ଏ ନାତନ୍ ତା'ର ଆଈର ଗୁନ୍ ଜାନତେ ପାରଲ ଆରୁ ପିଲାର ଗାଗରେ ଲାଗ୍‌ତେଲ ସୁତା ଆନ୍‌ତେ ବୁଢ଼ୀର ଜଘେଂ ରଖଦେଲ । ଛେନ ଚୂହିନୀ ବୁଢ଼ୀ ତା'ର ଗାଗର୍‌ର ରକତ ପିଇଲ ।



ଦିନେ ହଲିଆ ଟୋକା ଦେଖିଲା ଯେ ବୁଢ଼ୀ ରାତିରେ ବନ୍ଧ ହୁଡାକୁ ଯାଇ ପାଟିରେ ନିଆଁ ବଇଠା ଜାଳି, ଗୋଡକୁ ଉପରକୁ ଟେକି ଦୁଇ ହାତରେ ଚାଲି ଚାଲି ଶୁଖିଲା ମଣିଷ ଗୁହ ଗୁଡାକ ଖାଉଛି । ସକାଳ ହେବାକୁ ବୁଢ଼ୀ ଯେମିତି ବି ସେମିତି । ଟୋକା ସବୁ ଦେଖି ସୁନ୍ଦରୀ ଟୋକିକୁ ତା'ର ଆଈର ଗୁଣ, କାମ କହିଲା । ନାତୁଣୀର ଆଗ ଏ କଥାଏ ବିଶ୍ୱାସ ନଥିଲା, ହେଲେ ସେଦିନ ରାତି ନାତୁଣୀର ଆଖିକୁ ନିଦ ହେଲା ନାହିଁ ନାତୁଣୀ ଦେଖିଲା ଯେ ହଲିଆ ଟୋକା ଶୋଇଛି ଆଉ ତା'ର ଆଈର ତୁଣ୍ଡରୁ ଗୋଟିଏ ସୂତା ଯାଇ ଟୋକା ଦେହରେ ଲାଗିଛି । ନାତୁଣୀ ଏବେ ବୁଝି ଗଲା ଯେ ଡାହାଣୀ ଆଇ ର ଗୁଣ ଜାଣିଲା । ତେଣୁ ନାତୁଣୀ ଟୋକାର ଦେହରେ ଲାଗିଥିବା ସୂତାର ମୁଣ୍ଡକୁ ତା'ର ଆଈର ଜଙ୍ଘରେ ଥୋଇଦେଲା । ଏବେ ବୁଢ଼ୀ ତା ରକ୍ତ ଶୋଷିବାରେ ଲାଗିଲା ।

ସକାଳ ହେଲ ବୁଢ଼ୀ ତା'ର ରକତେ ଚୂହତେ ତା'ର ପେଟ ତୁର୍‌ରୀ ହଲ ଆର୍ ଉଠି ନା ପାରଲ ଆରୁ ମରତେ ଗଲ । ଗାଁର ଲୋକମାନେ ଖଣେ ଖଣେ ବୁଢ଼ୀ ଚୂହିନୀ ବଲତେ ଜାନତେ ରେଲେ । ଏବେ ବିଶାସ କେଲେ ଆରୁ ବୁଢ଼ୀ ମରବାର୍ ଟା ଜାନ୍‌ତେ ହଏ ହଏ ବେଲେ । ହଲିଆ ପିଲାକେ ତୋ ବୁଢ଼ୀର ନାତେନ ମନେକ ପାତେଲ ନେ । ଦୁଇ ଜନ୍ ବିହା ହିମୁ ବଲତେ ଠିକ୍ କେଲେ । ଗାଁର ଲୋକ ଫୁନି ହଲିଆ ପିଲାକେ ଆରୁ ବୁଢ଼ୀର ନାତେନ୍ କେ ବିହା କେର୍‌ଦେଲେ । ହଲିଆ ପିଲାର ମହାଜନ ବିହାର ଭୁଜି ଦେତେ ସାନ ଘେର୍ ଗୁଟେକ୍ ବନାତେ ପିଲାକେ ଆଲୁ ନାତେନ୍ କେ ଘେରର କାମଆମ୍ କେ ବା କେ ବନେକେତେ ରଖଲେ ।



ତେଣୁ ନିଜ ଦେହର ରକ୍ତକୁ ବୁଢ଼ୀ ଶୋଷି ଶୋଷି ଦରମରା ହୋଇ ରକ୍ତ ଅଭାବରୁ ମରିଗଲା । ନାତୁଣୀ ସବୁକଥା ଗାଁ ଲୋକଙ୍କୁ ତା'ର ଡାହାଣୀ ଆଈର ବୃତ୍ତାନ୍ତ ବଖାଣିଲା । ଗାଁ ଲୋକେ ମଧ୍ୟ ଆଶ୍ୱସ୍ତ ହେଲେ । ହଲିଆ ଟୋକା ନାତୁଣିକୁ ଭଲ ପାଉଥିଲା । ଦୁଇଜଣ ବାହା ହେବାକୁ ମନ କଲେ । ତେବେ ଗାଁ ଲୋକମାନେ ମିଶି ବୁଢ଼ୀର ନାତୁଣୀକୁ ଟୋକା ସାଙ୍ଗରେ ବିବାହ କରେଇ ଦେଲେ । ଟୋକାର ମାଲିକ ଭୋଜି ଭାତର ଆୟୋଜନ କରି ନାତୁଣୀ ଓ ହଲିଆ ଟୋକାକୁ ସୁଖରେ ଘରେ ରଖିଲେ ।

# ଚିଙ୍ଗ୍‌ରୀ ଝୋଲ୍ (ଚିଙ୍ଗୁଡ଼ି ଝୋଲ)

ଗୁଟେକ୍ ଖମନ୍ ଭିତରେ ସାନ ଗାଁ ଗୁଟେକ ରେଲ । ସେ ଖମ୍‌ନିଆ ଗାଁର ଥି ସାବ୍ ଲୋକମେତେ ଚାଷବାସ କେରତେ ରହତେଲେ । ଗୁଟେକ ନ ଥେଲା କିଅଁଟ ଆରୁ କିଅଁଟେନ୍ ପୁନି ରହତେଲ । କିଅଁଟ ତାନେ ଠାନ୍ ଉଟା କିଛୁଟା ଫୁନି ନା ଥେଲ । କିଅଁଟ ସାବୁଦିନ ଗିର୍‌ନା, ଥୁପି, ତୁଟି ଧେର୍‌ତେ ଗାଁ ଗାଁର ଡବ୍‌ଗ, ଭଡ଼ା, ବନ୍ଧକେ ଯାତେ ମାଛ, ଚିଙ୍ଗରୀ, ଘୁଲି ଆନ୍‌ତେ ହାଟକେ କେତେ ବିକା ଭଞ୍ଜା କେର୍‌ତେ ଘେରର ଚୂଳଳ, ତେଲ ଭିରାତେ ହୁଏ । କେବେଁ କେବେଁ ଚୂଳ, ତେଲ ସୁତୁନ ପଏସା ନାହଲେ ସବ୍ ମାଛକେ ବିକ୍‌ତେ ଘୁଲି ବଁକରା ଥାତେ ଘେରେ କିଅଁଟେନ ବୁଢ଼ୀର ସୁଦା ପଡ଼ାତେ ମଡ଼ ସୁଦା ପିଏତେରେ ।



ଗୋଟିଏ ଜଙ୍ଗଲ ଭିତରେ ଛୋଟ ଗାଁଟିଏ ଥିଲା । ସେହି ଜଙ୍ଗଲିଆ ଗାଁରେ ସବୁ ପରିବାର ଚାଷବାସ କରି ସୁଖରେ ରହୁଥିଲେ । ସେଠାରେ ଗୋଟିଏ କେଉଟ ଓ କେଉଟୁଣୀ ମଧ୍ୟ ରହୁଥିଲେ । ତାଙ୍କର ସେମିତି ଜମିବାଡି ମଧ୍ୟ ନ ଥିଲା । କେଉଟ ବୁଢ଼ା ଜାଲ, ବନ୍‌ସି ଧରି ନଦୀ ପୋଖରୀକୁ ଯାଇ ମାଛ, ଚିଙ୍ଗୁଡ଼ି, ଗେଣ୍ଡା ଧରି ବିକ୍ରି କରି ତେଲ ଲୁଣ ଆଣି ପରିବାର ଚଳାଉଥିଲା । ଚାଉଳ, ପରିବା ପାଇଁ ପଇସା ଦରକାର ଥିବାରୁ ମାଛ ସବୁକୁ ବିକ୍ରି କରି ନିଜେ ଗେଣ୍ଡା କଙ୍କଡ଼ା ଆଣି ରୋଷେଇ କରି ତୋରାଣି ପିଇ ଚଳୁଥିଲେ ।

ଦିନେକର କାଥା କିଅଁଟ ବୁଢ଼ା ମାଛ ମାରତେ ମାରତେ ବକେ ବକେ ଚିଙ୍ଗରୀ ଦୁଟେକ ଗିର୍ନା ଥି ପାଆଲ । ଚିଙ୍ଗରୀ କେ ବିକାଭଞ୍ଜା ନା କେରତେ ଘେରକେ ଆକ୍‌ତେ ବୁଢ଼ୀକେ ବନେକେତେ ରାନ୍ଧାବଟା କେବାକେ ଚିଙ୍ଗରୀ ଦେଲ ଆରୁ ପାରେକ ଡ଼ବରାକେ ମାଛ ଗିରତେ ଗଲ । ଇ ବାଟ ବୁଢ଼ୀ ଚିଙ୍ଗରୀ କେ ବନେକେତେ ରାନ୍ଧାବଢ଼ା କରତେ କରତେ କେନ୍ତା ଲାଗଛେ ବଲତେ ଖଣେ ଖଣେ ଚାଟତେ ଚାଟତେ ସାବୁ ଚିଙ୍ଗରୀ ଶାଗ ଖା ଦେଲ । ଏବେ କାଏଁ କେତ ? ଇ କାଥା ଗୁଟେକ୍ ମୀନ ଆଶାକରା ବୁଢ଼ୀର ଭାବବଙ୍ଗ ଖଟତଲେ ବସ୍‌ତେ ଦେକତରେ ।



ଥରେ କେଉଟର ଜାଲରେ ଗୁଡାଏ ଚିଙ୍ଗୁଡ଼ି ପଡ଼ିଲେ । ଏଥର ବୁଢ଼ା ଚିଙ୍ଗୁଡି ନ ବିକି ଘରକୁ ଆଣି ବୁଢ଼ୀକୁ ଦେଲା ଓ ତୁ ରନ୍ଧାରନ୍ଧି କରୁଥା' ମୁଁ ପୁଣି ମାଛ ଧରିବାକୁ କହି ପୁଣି ପଦାକୁ ବାହାରି ଗଲା । ଏପଟେ ବୁଢ଼ୀ ଚୁଙ୍ଗୁଡି ଗୁଡାକ ଧୋଇ ଧାଇ ଭଲ ତେଲ ଲୁଣ ଦେଇ ରୋଷେଇ କଲା ଓ ଥୋଇଲା । ହେଲେ ଚୁଙ୍ଗୁଡି ଝୋଳର ବାସନାରେ ବୁଢ଼ୀ ଖୁସି ହୋଇ ଟିକିଏ ଚାଖୁ ଚାଖୁ ସବୁ ଚିଙ୍ଗୁଡି ତରକାରୀ ଲୋଭରେ ଖାଇଦେଲା । ଏବେ କରେ କଣ, ବୁଢ଼ା ଆସିଲେ କଣ ଖାଇବାକୁ ଦେବ ? ଦେଖିଲା ଘରର ହାଣ୍ଡିତଳେ ଦୁଇଟା ମୂଷା ଘରେ ଥିବା ବିଲେଇର ଡରରେ ଲୁଚିକି ରହିଥିଲେ ।

**ମୀନ ଖାଟ ତଲେ ରେ ସୁତୁନ ଦୁଇ ପଟ ମୂଷା ସରପଟ ତେ ହାଣିର ତଲେ ରିଅ ତେଲ । ବୁଢ଼ୀ ବୁଦ୍ଧି ବେଲ ଆରୁ ଦୁଇପଟ ମୂଷାକେ ମାରତେ କେତେ କେତେ ତେଲ ଦେତେ ରାନ୍ଧତେ ଚାଖତେ ରିଏ । କିଅଁଟ ଆସଲ ଆରୁ ବୁଢ଼ୀକେ ମଡ଼ ଖା ବାକେ ମାଙ୍ଗଲ । ବୁଢ଼ୀ ଫୁନି କିଅଁଟ ବୁଢ଼ା କେ ମଡ଼ ସୁଦା ମୂଷା ଶିକାର କେ ଟିଙ୍ଗରୀବଲତେ ଦେଲ । ବୁଢ଼ା ଶରଧା ହତେ ଖାତେ ଖାତେ ମୂଷାର ଗେଡ଼ ଗୁଟେକ ବାହାର ହଲ । କିଅଁଟ ବୁଢ଼ା ବୁଢ଼ୀକେ ବଲଲ, ଏ ବୁଢ଼ୀ ଇ ଟିଙ୍ଗରୀ ଶାଗେ ମୂଷାର ଗେଡ଼ କେନ୍ତା କେତେ ଆ'ଲ ।**



ବୁଢ଼ୀ ବୁଦ୍ଧି କରି ସେ ଦୁଇଟା ମୂଷାକୁ ମାରି ବୁଢ଼ା ପାଇଁ ତରକାରୀ କରି ରଖିଥାଏ । ବୁଢ଼ା ପଦାରୁ ଆସିବାରୁ ବୁଢ଼ୀ ସେଇ ମୂଷା ତରକାରୀକୁ ଚିଙ୍ଗୁଡ଼ି ବୋଲି କହି ଭାତ ସହିତ ଖାଇବାକୁ ଦେଲା । ବୁଢ଼ା ମଧ୍ୟ ଚିଙ୍ଗୁଡ଼ି ଝୋଲ ଭାବି ଖୁସିରେ ଖାଉଛି । ବୁଢ଼ା ଖାଉ ଖାଉ ତରକାରୀରେ ଗୋଟିଏ ମୂଷାର ଗୋଡ ବାହାରିଲା । ବୁଢ଼ା ଆଶ୍ଚର୍ଯ୍ୟ ହୋଇ ବୁଢ଼ୀକୁ ପଚାରିଲା– ହଇରେ ବୁଢ଼ୀ; ଏହି ଚିଙ୍ଗୁଡ଼ି ତରକାରୀରେ ମୂଷାର ଗୋଡ କେମିତି ବାହାରିଲା ?

ପିଲାଙ୍କ କଥା

ବୁଢ଼ୀ ସୁକୁଡ଼ଦୁମହଲ ଆରୁ ବୁଢ଼ାର ଗୋଡ଼ ଧେର୍‌ତେ ମାଡ଼ ମାଙ୍ଗଲ । କିଅଁଟ ବୁଢ଼ା ଫୁନି ବୁଢ଼ୀର ଚିଙ୍ଗରୀ ଟେଶକେ ସୋର କେରତେ ଖୋବ୍ ହଁସଲ । ଦୁଇଝନ୍ ହଁସା ହୁଁସି ହେଲେ ବୁଢ଼ା ବଏଲ ଦେଖ୍ ବୁଢ଼ୀ, ତୁଇ ତୋ ଚିଙ୍ଗରୀ ଶାଗକେ ଲୋଭେ ଖା ଦିଲିସ୍, ହଲେ ମକେ ନା ବଣତେ ଇ ମୂଷା ଶାଗ କାଁ ରାନ୍ଧଲିସ୍ । ଆଉ କେବେ ହେନ୍ତା ନା କିଜିସ୍ । ସତ କାଥା କୁହିବସ । ତନେ କାଲକେ ଖୋବ କିରି ଚିଙ୍ଗରୀ ମର୍‌ତେ ଆନ୍‌ଦିମି । ତୁଇ ବନେକେତେ ରାନ୍ଧବିସ ଆରୁ ଦୁଇ ବସତେ ଗୁଟେ ଖୁରୀ ଥି ଖାମୁଁ । ସବ୍ କେ ମାଛ, ଚିଙ୍ଗରୀ ମାରତେ ଆନ୍‌ତେ ଦିଅଛେଁ, ଆରୁ ତକେ ନା ଦିମି କେ ?



ଏଥର ବୁଢ଼ୀ କରେ ଆଉ କଣ ? ବୁଢ଼ାର ଗୋଡ ତଳେ ପଡ଼ି ସବୁକଥା ସଫାସଫା କହିଦେଲା । କେଉଟ ବୁଢ଼ା କିନ୍ତୁ ବୁଢ଼ୀ ଉପରେ ରାଗ ବଦଳରେ ଖୁବ୍ ହସିଲା ଓ ବୁଢ଼ୀକୁ କହିଲା– ଦେଖ ମୋତେ ତୁ ଚିଙ୍ଗୁଡ଼ି ଝୋଲ ଲୋଭରେ ସବୁ ଖାଇ ଦେଇ ଥିବାର କଥାଟା ଆଗରୁ କହି ଦେଇଥିଲେ କଣ ହୋଇଥା'ନ୍ତା ? ତୁ ଏମିତି ମୋତେ ଠକିଲୁ କାହିଁକି ? ମୁଁ ସବୁଦିନ ମାଛ ମାରି ସମସ୍ତଙ୍କ ଘରେ ଯୋଗାଉଛି, ଆଉ ତେତେ ଏମିତି ଦେଇ ପାରି ନଥାଆନ୍ତି ? ଏମିତି ଚିଙ୍ଗୁଡ଼ି ବଦଳରେ ମୂଷା ମାରି ତରକାରୀ କରି ଦେଇ ଠକିବାର ଅର୍ଥ କଣ ? ହଉ ଏଥର ମୁଁ କାଲିକି ଯିବି ଆଉ ଢ଼େର ଚିଙ୍ଗୁଡ଼ି ମାରିକି ଆଣିବି । ତୁ ଭଲକରି ରୋଷେଇ କରିବୁ, ଦୁହେଁ ମିଶି ଗୋଟିଏ ଥାଳିଆରେ ଖାଇବା ।

# ବାଗ ଆରୁ ବୁଢ଼ୀ (ବାଘ ଓ ବୁଢ଼ୀ)

ବୁଢ଼ା ବୁଢ଼ୀ ଦୁଇଟା ରେଲେ । ପିଲା ଛୁଆ ନାଇଁ କି ଜମିଭଟା ନାହିଁ । ଦୁଖଭୂତି କେତେ ଦୁକେସୁକେ ଚଲତେଲେ । ସାକାଲ ହଲେ ସେ ବୁଢ଼ାବୁଢ଼ୀ ଝାରକେ ଜାତେ କାଠି ପତର; କେନ୍ଦୁଁ ଟାଁର, ଚେରମୁଲି ଆନ ତେଲେ ଆରୁ ତାଲେ ବିକିରାନଜତେ ପେଟ ପସ ତେଲେ । ଏନତା କେତେ କେତେ ଦିନ ଗଲାକେ ଦିନେ ବୁଢ଼ୀ କଅଲ ବୁଢ଼ାତେ । ଏ ବୁଢ଼ା ଶୁନ, ଘେରର ଧଡ଼ିଆ ଦାନ ତୋ ସରଲ । ଆଜ କେନତା କିମୁଁ, କାଁଟା, ଖାସୁଁରେ ବୁଢ଼ା ? ବୁଢ଼ୀର କଥା ଶୁନତେ ବୁଢ଼ା କହଲ – ଶୁନରେ ବୁଢ଼ୀ, ତୁଇ କାଁ କାଜେ ଭାଲଛେସ । ମୁଇଁ ଯାଛେ । ଯେନ ଫାଲୁଭି ଧଡ଼ିଆ ନୁରତେ ଆନମି । ବୁଢ଼ା ଗଲ ଆଡ଼ଆ ନୁରତେ । ଗଲଯେ; ଗଲଯେ ଝାରର ମଝି ଗଟେକ ପାଟା ଘେର ଦେଖାପାଲ । କେନ ଦାବା ରେତ ଦଲତେ ଛୁମତେ ଗଲ । ଘେରେ ଜେନଟା ଦେଖଲ ତା'ର ବୁଦ୍ଧି ତୁଟି ହଲକେଁ ।



ଗୋଟିଏ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ଥିଲେ । ପିଲାପିଲି ନାହାନ୍ତି କି ଜମିବାଡ଼ି ନାହିଁ । କୁଲିକାମ କରି ଗୁଜୁରାଣ ଚଳେ । ବୁଢ଼ୀ ସବୁଦିନ ପାଖ ବଣକୁ ଯାଇ କାଠି, ପତର , କେନ୍ଦୁ, ଚାର ଆଣି କରି ବିକ୍ରି କରି ଭାତିଆ ଯୋଗାଡ କରେ । କିଛି ଦିନ ପରେ ସବୁ ଭାତିଆ ସରିଲା । ବୁଢ଼ୀ ବୁଢ଼ାକୁ କୁଆଡେ ଯାଇ ଭାତିଆ ଯୋଗାଡ଼ କରି ଆଣିବାକୁ କହିବାରୁ ବୁଢ଼ା ମଧ୍ୟ ଘରୁ ବାହାରିଲା । ଯାଉ ଯାଉ ସେ ବଣ ମଧ୍ୟରେ ଗୋଟିଏ କୁଡିଆ ଘର ଦେଖିଲା । ବୁଢ଼ା ସେହି କୁଡିଆ ଭିତରକୁ ଯାଇ ଦେଖେ ତ ସେହି ଘରେ ଧାନ, ଚାଉଳ ଭର୍ତ୍ତି ହୋଇ ରହିଛି । କିଛି ସମୟ ସେ ଘରେ ବୁଢ଼ା ରହିଲା ପରେ ଦେଖିଲା ଯେ ବାଘ ସେ ଘରେ ରହୁଛି ।

ସେ ଘେରେ ବାଗ ଗଟେକ ବସା କେଲାଛେ । ବୁଢ଼ା ଡେରର ମାଡ୍ରେ ଗେଛ ଗଟେକେତେ ତେଲ ଆରୁ ଲକିଲ । ସେ ବାଗ ଘିରୁ ବାହାରଲ ଆରୁ ଜଁତ ନରୁତେଗଲ । ମଗ ଗଲାକେ ସେ ବୁଢ଼ା କଲେ କଲେ ଗଛୁଁ ଭତରଲ । ଘେରେ କାଁଟା ଅଛେ ବଲତେ ଭିତରକେ ସମଲ । ଇ ବୁଆ ଦେଖଦେଲ ଯେ ଧାନ, ଭେଲ ପୁରତି ହଲାଛେ । ସେ ବୁଢ଼ା ଘର ଅନଛଥି ଗାଁ ଠାଲ ଆରୁ ଘେରକେ ଆଲା ନେରେ ବୁଢ଼ୀ, ଆନ ଦେଲାଛେ, ଛାଁଦ, ବୁଢ଼ୀ ଶାରହା ହଲ । ଶାରଦା ମନେ ରାଁଦଲ । ଏନତା କେତେ କେତେ ଦିନ ଗଲା । ବୁଢ଼ୀ ଦଥଲ, ନିରେ ବୁଢ଼ା, ତର ଆନଲା ଚିତଲ ଆଡ଼ଆ ସରଲ । ଜେନତା କିମୁଁ । ଘେରେ ବସଲେ ହତ କେଁ । ତୁଇ ମୁଇଁ ଗଲେ ହେତକି ଆନମୁଁ । ସୁକେ ରିମୁଁ, ବୁଢ଼ା ବଥଲ, ହଏରେ ବୁଢ଼ୀ;



ବୁଢ଼ା ଭୟରେ ପାଖରେ ଥିବା ଗଛ ଉପରେ ଚଢ଼ି ଲୁଚି ରହିଲା । କିଛି ସମୟ ପରେ ସେ ବାଘ କୁଡିଆରୁ ବାହାରି ଆହାର ଖୋଜିବା ସକାଶେ ବାହାରି ଗଲା । ଏବେ ବୁଢ଼ା ଗଛରୁ ତଳକୁ ଓହ୍ଲାଇ କୁଡିଆ ଘରୁ ଚାଉଳ କିଛି ଧରି ତା'ର ଘରକୁ ଫେରିଗଲା । ଘରେ ଯାଇ ତା'ର ବୁଢ଼ୀକୁ ସବୁ କଥା କହିଲା । ବୁଢ଼ୀ ଖୁସି ହେଲା । ଖୁସିରେ ଭାତ ରାନ୍ଧିଲା । କିଛିଦିନ ପରେ ବୁଢ଼ୀ କହିଲା ତୋ ଆଣିଲା ଦରବ ସରିଲା ! କିପରି ବଞ୍ଚିବୁ ଘରେ ବସିଲେ ହେବ କି ? ଆମେ ଦୁହେଁ ଗଲେ ଅଧିକା ଆଣନ୍ତୁ ଖୁସିରେ ରହନ୍ତୁ ।

ଝାର ଭିତରର ଜଁତ ଭାଲୁ କାଥା ନାଁ ଜାନେସ କେଁ କେନ ଦାଗ ଭାଲୁ ଖାଲେ କେନତା କିଦିସରେ । ବୁଢ଼ୀ ବୁଢ଼ାର କାଥା ନାଁ ମାନଇ । ଯିମି ଦଲତେ ଗୁଟେ ଘୁସା ଧେରଲ । ବୁଢ଼ା ଆରୁ କାଁ କେତ । ବୁଢ଼ୀକେ ସଂଗେ ନେଲ । ଗଲେ ଯେ ଗଲେ, ସେ ଫାଟା ଘେରକେ ଗଲେ । ବୁଢ଼ା କଅଲ ବୁଢ଼ୀକେ ଘେରତେ ଛିନା ହଲାଛେ । କେତେ ଦେଲେ କେନ ଆତ । ଆମକେ ଦେଖତ । ସେ ଭାଡ଼କେ ବୁଗ । ଆରୁ ତୁମ ପରତେରେ । କଲକୋଲ ନାଁ ହିବୁସ ଦେଖ । ସେ ବୁଢ଼ା ବୁଢ଼ୀ ଭାଡ଼ିଥି ଲୁକଲେ । ଛନେକ ଦେଲ ଗଲାକେ ସେ ଦାଗ ଘେରକେ ଥାଏ । ରାଁଜାଦାଟା କେଲ । ଆଉ ସୁକମ ଗପଗପ ଖାଛେ । ସେ ବୁଢ଼ୀ ବାଗର ଖାବାରଟାତେ ଦେଖଛେ ଆରୁ ଲାଲ ଚଟାଚଟି ହଛେ । ସେ ବୁଢ଼ୀ ବୁଢ଼ାକେ କଥଲ । ନିରେ ବୁଢ଼ା ମକେ ଖାଦାକେ ମନ ଲାଗଛେରେ ।



ବୁଢ଼ା କହିଲା ଜଙ୍ଗଲ ଭିତରେ ଭାଲୁ କଥା ଜାଣିନୁକି ବୁଢ଼ୀ ଜିଦି କଲାରୁ ବୁଢ଼ା ବାଧ୍ୟ ହୋଇ ବୁଢ଼ୀକୁ ସାଙ୍ଗରେ ନେଇ ସେ କୁଡିଆ ଘରେ ପହଞ୍ଚି ଲୁଚି ରହିଲା । କୁଡିଆ ଘରେ ଗୋଟିଏ ଭାଡି ଥାଏ । ବୁଢ଼ା ବୁଢ଼ୀ  ସେହି ଭାଡ଼ି ଉପରେ ଚଢ଼ି ଲୁଚି ସବୁ ଦେଖୁଥା'ନ୍ତି । ସମୟ ହେଲାରୁ ବାଘ କୁଡିଆକୁ ଫେରିଲା ଓ ସାଙ୍ଗରେ ଆଣିଥିବା ଖାଦ୍ୟ ଖାଇବାକୁ ଲାଗିଲା । ବୁଢ଼ାକୁ ବୁଢ଼ୀ କହିଲା- ଏ ବୁଢ଼ା; ଏ ବାଘ କ'ଣ ଖାଉଛି ମୋତେ ଟିକିଏ ମାଗି ଦେ, ମୋତେ ଭାରି ଭୋକ ହେଉଛି । ବୁଢ଼ା ବୁଢ଼ୀକୁ ଚୁପ୍‌ଚାପ୍ ରହିବାକୁ ତାଗିଦ୍ କଲା

**ଖଣେଁ ନାଁଗଦେସନିରେ । ବୁଢ଼ା ରିଷାହଲ, ତକେ ତୋ ତୁମ ପରତେ ରେ ଦଲଦିଲୁଁ । ଜଲ ପରତେରେ ରେ ବୁଢ଼ୀ ଆମର କାଥା ଶୁନଲେ ସା ବାଗ ଗଚାଉମଚାଉ ଖାତନେଁ ବୁଢ଼ୀ, ନାଁ ଜାନଦାର କେଁ ସେ ବୁଢ଼ୀ ଜେନଥିଦମ ଧିରଲିଆ –କଅଲ । ନିରେ ବୁଢ଼ା ଖଣେଁକ ମାଁଗ ଦେଁରେ । ମନ ଲାଗଛେ । ମାଁଗ ଦେସନିରେ ବୁଢ଼ା । ସେ ବୁଢ଼ା ରିଷାହାଲ ଆରୁ ବୁଢ଼ୀକେ ହେବଲତେ ଦେଲ । ସେ ବୁଢ଼ୀ ବାଗର ପିଠି ଧୁମୁସ କେତେ ଜୁଗରେଲ ପରଲ । ସେ ବାଗ ଆରୁ କାଁଟା ଖାଏସି । ଉଦୁଆ, କାଁଟା ଦଲ ଆରୁ କିରତି ରାତେ ଭାଗଲ । ସେ ବାଗ ଛେରର ମାଡ଼େ ଭାଗତେ ଭାଗତେ ବାଟେ ଜୁଲହାକେ ଭେଟ ଫ’ଲା । ସେ କୁଲ୍‌ହିଆ ପାଚାରାଲ, ବାଗମାମା, ବାଗମାସା, କାଁହଲ, କାଁହଲ, କାଁହେଲା ଯେ କେତେ କେତେ ଭାଗଛାସ । ବାଗ ଧଁସଧଁସ ହତେ ବଲ-**



ହେଲେ ବୁଢ଼ୀକୁ ଭାରି ଭୋକ ହେଉଥିବାରୁ ବୁଢ଼ୀ ପୁଣି ଖାଦ୍ୟ ପାଇଁ ଜିଗର କଲା । ଏମିତି ବୁଢ଼ାବୁଢ଼ି ଭାଡି ଉପରେ ରହି ଠେଲା ପେଲା ହେଲାରୁ ବୁଢ଼ୀ ଭାଡ଼ି ଉପରୁ ଖସି ତଳେ ଥିବା ବାଘ ଉପରେ ପଡ଼ିଗଲା । ବାଘ ଭୟରେ କ’ଣ ଗୋଟାଏ ଭୂତ ନା ପ୍ରେତ ମୋ ଉପରେ ପଡ଼ିଲା ବୋଲି ଭୟରେ କୁଡ଼ିଆ ଛାଡ଼ି ପଳାଉ ଥାଏ । ବାଟରେ ସେପଟୁ ବିଲୁଆ ଆସୁଥାଏ ଓ ବାଘ ଭୟରେ ପଳାଉଥିବାରୁ ବିଲୁଆ ବାଘକୁ ଅଟକାଇ କହିଲା ମାମୁଁ କୁଆଡେ ଭୟରେ ପଳାଉଛ ? ବାଘ ଧଇଁ ସଇଁ ହୋଇ କହିଲା –

କାଁ ବଲତେ କୁମିରେ କୁହିଲା ମର ଘେରେ ଭୁତ ପେତେନ ବସା କେଲରେ । ମତେ ତୋ ଖାମି ଦଲଛେରେ । ଆର କାଁ କାଥା କୁମି । କୁହିଲା ଦଆଲ- ଇ ଭୁତକେ ଡ଼େରଛେସ କେଁ ମାମା । ଭୁତ ପେତେନ କାଁ କେତା ମୁହଁ ତାର ମନତର ଜାନଲାଛେଁ । କତର ପତଲେ ବଡ଼ ବଡ଼ ଭୁତ ପେତନ ଭାଗଲିଆ ନାମା । ଚାଲ କେତନା ଭୁତ ଯେ ମୁହଁ ତ ଦେଖନା । ବାଗ ବଅଲ, ମୁହଁ ଏକଲା ନାଁ ଯାଏଁ ଦୁଆ । ମତେ ଡେର ଲାଗଛେ । କୁଲିହା ବଅଲ, ତମର ଆଁଟାକେ ମର ଆଁଟାତେ ବାନ୍ଧୁ, ନାଁ ହତ କେଁ ବାଗ ହଁ କେଲ ।



ନାହିଁରେ ଭଣଜା ମୋ ଘରେ ଏବେ ଭୂତ ବସା ବାନ୍ଧିଛି । ମୁଁ ସେ କୁଡ଼ିଆରେ ରହିବି ନାହିଁ । ବିଲୁଆ ବାଘକୁ ଥୟ ଧରିବାକୁ କହିଲା । ବାଘ ମାମୁଁ ମୁଁ ମନ୍ତର ଜାଣିଛି । ସେ କୁଡ଼ିଆରୁ ମନ୍ତର ବଳରେ ତଡ଼ିଦେବି ଆସ । ବାଘ କହିଲା ମୁଁ ସେ କୁଡିଆକୁ ଯିବି ନାହିଁ, ଗଲେ ତୁ ଯା । ବିଲୁଆ କହିଲା- ତୁମ ସାଙ୍ଗରେ ମୁଁ ମଧ୍ୟ ଯିବି । ବାଘ କହିଲା – ଚାଲ ଯେ, ତୁ ମୋତେ ଏକା ଛାଡିବୁ ନାହିଁ । ବିଲୁଆ କହିଲା –ଦେଖ ତୁମେ ଯଦି ଏକା ଡରୁଛ ତା'ହେଲେ ତୁମ ଅଣ୍ଟାରେ ମୋ ଅଣ୍ଟା ଯୋଡି ଦଉଡି ବାନ୍ଧିଦେବା, ଦୁହେଁ ଏକା ହୋଇ କୁଡିଆକୁ ଯିବା ।

ପିଲାଙ୍କ କଥା

**ବାଗର ଆଁଟା ସଁଗେ କୁଲିହା ଆଁଟାକେ ବାଁଦଲେ ଆରୁ ଗଲେ । ସେ ବୁଢ଼ା ତୋ ଦେଖଛେ ନେଁ । ସେ ଦାଗକେ ଯେନତା ଦେଖଲ ବୁଢ଼ୀତେ ନିଅଲ, ହେନ୍ଦେରେ ବୁଢ଼ୀ, ସେ ବାଗ ଆର ଆଲନେଁ । ବୁଢ଼ୀ ଦଅଲ, ବୁଢ଼ାରେ ବୁଢ଼ା ତୁଇ ବାଗନେ ଖା ମୁହଁ କୁଲିହାକେ ଖାଏନା । ଇ କାଥା ଶୁନଲାକେ ବାଗ ଆରୁ ଦମ ଧିରଲିଆ କେଁ, କର କରାତେ ଭାଗଲନେଁ, ଦାଗର ଆଁ ଟାଥି କୁଲିଆର ଆଁଟାତୋ ବଦାଁ ହଲାଛେ । ଆର କାଁ କେତ । ତଲେ କୁସରେତ ଘୁସରେତ ଭାଗଛେ, ବାଗ ତୋ ଭାଛେନେଂ । ସେ କୁଲିହା ଦରମରା ହତେ ବାଟେ ମଲ ଆରୁ ବାଗ ଡେରର ମାଢ଼େ ସେ ଘେରକେ ନାଁ ଅସଲ ନେଁ । ସେ ବୁଢ଼ାବୁଢ଼ୀ ଘେରର ଧାନ ଚଉଲକେ ସାକୁଲତେ ଘେରକେ ଆଲେ । ବନେ କେତେ ଘେର ବନାଲେ ଆରୁ ସୁକେ ରେଲେ ।**



ଏବେ ବାଘର ଅଣ୍ଟାରେ ବିଲୁଆର ଅଣ୍ଟା ବନ୍ଧା ହୋଇ ଦୁହେଁ କୁଡିଆ ଅଭିମୁଖେ ବାହାରିଲେ । ସେପଟେ ବୁଢ଼ାବୁଢ଼ୀ ଦେଖିଲେ ଯେ ବାଘ ଆଉ ବିଲୁଆ ଯୋଡି ହୋଇ ଆସୁଛନ୍ତି । ଏବେ ବୁଢ଼ା ବୁଢ଼ୀକୁ କହିଲା– ଏ ବୁଢ଼ୀ ତୁ ସେଇ ଛୋଟଟାକୁ ଖା’, ମୁଁ ବଡ଼ଟାକୁ ଖାଇବି । ଯେମିତି ଏକଥା ବାଘ ଶୁଣିଲା, ଆଉ ଥୟ ଧରେ କି ? ଭୟରେ ପଳାଇଲା । ବିଲୁଆ ବାଘର ଅଣ୍ଟାରେ ବନ୍ଧା ହୋଇଥିବାରୁ ଘୋଷାଡ଼ି ହୋଇ ହୋଇ ବାଟରେ ମରିଗଲା । ଏବେ ବୁଢ଼ାବୁଢ଼ୀ କୁଡ଼ିଆରେ ଥିବା ସାମଗ୍ରୀ ଧରିଖୁସିରେ ତାଙ୍କ ଘରକୁ ଫେରିଲେ । ବାଘ ଡରରେ ଆଉ ଘରକୁ ଆସିଲା ନାହିଁ ।

# କୁକୁର୍‌ଖିଆ ବୁଢ଼ା (କୁକୁଡ଼ା ଖିଆ ବୁଢ଼ା)

ଗଟେକ ଗାଁ ଥି ବୁଢ଼ା ବୁଢ଼ୀ ଦୁଇଟା ଥେଲେ । ଦୁଖଭୁତି କରି ଲୋରେ କେର ତେଲେ । ସେ ବୁଢ଼ୀ ଆଁଏଠା ଭାତ ବିଟି ଖାତ ଦଲତେ କୁକୁରା ପିଠି ପଟେକେ ପଶତେର । ସେ କୁକୁର ପିଠି ରୋଟ ହଲ । ଗାର ପାରଲ ଆରୁ ଗୁରଲେକ ଚିଅଁ ଦେରଲ । ସାକାର ହଲେ ସେ ଚିଅଁ ମନକେ ଖୁକକୁଣାଁ ଦିଏ । ଏନତା କେତେ ସେ ଚିଅଁମେନେ ଛୋଟ ଛୋଟ ହଲେ । ମୁଠ ନିଆଁ, ମୁଠ ନିଆଁ ହଲାକେ ଖାବାର ବତର ହଲେ । ସେ ବୁଢ଼ା ସେ ପିଠି ଗାଁ ଜାକେ ଦେଖେ ଆରୁ ଖାବାକେ ମନ କେରେ । ଦିନେକ ସେ ବୁଢ଼ା ବୁଢ଼ୀକେ କଅଲ, ନିରେ ବୁଢ଼ୀ; ଏତିତି କୁକୁରା କାଁ କିଦିସରେ, କୁଲିହା ଖାଲେଗଲ କି ଭୁଁଜା ଖାଲେ ଗଲ । ଆନନିରେ, ପଟେକେ ମାରନା, ଖାବାକେ ମନ ଲାଗଛେଗା ।



ଗୋଟିଏ ଗାଁରେ ବୁଢ଼ାବୁଢ଼ୀ ରହୁଥିଲେ । ତାଙ୍କର କୌଣସି ପିଲାପିଲି ନ ଥିଲେ । ବୁଢ଼ୀ ଗୋଟିଏ ମାଈ କୁକୁଡ଼ାକୁ ଖୁଦ କୁଣ୍ଡା ଦେଇ ପୋଷିଥିଲା । ମାଈ କୁକୁଡ଼ାଟି ଗୁଡ଼ାଏ ଛୁଆ ଫୁଟାଇଥାଏ । ସକାଳ ହେଲେ ସେ ଚିଆଁ ମାନଙ୍କୁ ଖୁଦ କୁଣ୍ଡା ଦିଏ କୁକୁଡ଼ା ଚିଆଁ ଗୁଡ଼ିକ ମଧ୍ୟ ଧିରେ ଧିରେ ବଢ଼ି ବଡ଼ ହେଲେ । ଏବେ ଚିଆଁ ଗୁଡ଼ିକ ବଡ଼ ବଡ଼ ହେବାରୁ ବୁଢ଼ାର ମନରେ ଛୁଆ ଗୁଡାକୁ ମାରି ଖାଇବାକୁ ଲୋଭ ହେଲା । ଦିନେ ସେ ବୁଢ଼ା ବୁଢ଼ୀକୁ କହିଲା, ବୁଢ଼ୀ ଏତେ କୁକୁଡ଼ା କଣ କରିବୁ ବିଲୁଆ କି ଭୂଆ ଖାଇଲେ ଗଲା । ଆଣ ଗୋଟିଏ ମାରିବା ଖାଇବାକୁ ମନ ଲାଗୁଛି ।

ପିଲାଙ୍କ କଥା

**ସେ ଖୋରକୋ ବୁଢ଼ୀ ଖୋରୋ ଖୋର ହଲ ଆରୁ ଦଅଲ ହଏ ମର ଗସିଆଁ, ତର କାଜେ ତୋ ପସ ଦେଲାଛେଁ, ଖାଦିସ ନାହିଁ ? ଘୁଲି କାଁକରା ନୁରତେ ଆନଲେ ନାଁ ହଏ କେଁ । ମର କୁକୁରା କେ ମନ କେରଛେସ କେଁରେ ବୁଢ଼ା, ସେ ବୁଢ଼ା ଆର କାଁ କେତ । ମନ ମାରତେ ଘେରେ ରିଏ । ସେ ବୁଢ଼ା ତାର ମନେଁ ମନେଁ ବୁଧି ପାଁଲେ । ରେ ରେ ବୁଢ଼ୀ, ତର କୁକରା ନାଁ ଖାଲେ ମୁହଁ ଛଡ଼ନିଆଁ ତେଂ । କେତେ ଦିନ ନାଁ ବଲଦିସରେ । ସେ ବୁଢ଼ା ଗଟେକ ବୁଧି ପାଁଲେ ଆରୁ ବୁଢ଼ୀକେ କଅଲ – ବୁଢ଼ୀରେ ବୁଢ଼ୀ ଝାରେ ମୁହଁ ଲିମଗେଛେ ଆଛେ । ସେ ଗେଛର ପୁଲେ କୁହୁଁକୁ ଚେରେ ପଟେକ ଆଛେ ଗା । ଘେରତେ ଆନଲେ ନାଁ ହତକେଁ । ବୁଢ଼ୀ କଅଲ - ନିରେ ବୁଢ଼ା, ସେ ଚେରେ ପସଲେ କାଁ ହତରେ ।**



ବୁଢ଼ୀକୁ ବୁଢ଼ା ଗୋଟିଏ କୁକୁଡ଼ା ମଧ୍ୟ ମାରି ଖାଇବାକୁ ବୋଇଲେ ବୁଢ଼ୀ ସଫା ମନା କରିଦିଏ । ବୁଢ଼ୀ କହେ- ଖାଇବାକୁ ନାହିଁ । ଗେଣ୍ଡା, କଙ୍କଡ଼ା ଧରି ଆଣିଲେ ହୁଅନ୍ତା ନାହିଁ । ମୁଁ କେତେ ଯତ୍ନରେ କୁକୁଡ଼ା ପାଳିଛି ଆଉ ତୁ ମଜାରେ ଖାଇବୁ ? ନାଁ ମୁଁ ତୋତେ ମାରି ଖାଇବାକୁ ଦେବି ନାହିଁ । ହେଲେ ବୁଢ଼ା କେମିତି କୁକୁଡ଼ା ମାଂସ ଖାଇ ପାରିବ, ସେଥି ସକାଶେ ବୁଦ୍ଧି ପାଞ୍ଚିଲା । କିଛିଦିନ ଗଲା ଦିନେ ବୁଢ଼ୀକୁ ବୁଢ଼ା କହିଲା:- ଏ ବୁଢ଼ୀ ଏଇ ଜଙ୍ଗଲରେ ଗୋଟିଏ ମହାଲିମ୍ବ ଗଛ ଅଛି ଆଉ ସେ ଗଛ କୋରଡ଼ରେ ଗୋଟିଏ କୁମ୍ଭାଟୁଆ ଚଢ଼େଇ ବସା କରିଛି । ଗୋଟେ ପକ୍ଷୀ ଘରକୁ ଆଣିଲେ ହୁଅନ୍ତା ନାହିଁ, ବୁଢ଼ୀ କହିଲା: ନାରେ ବୁଢ଼ା ସେ ଚଢ଼େଇ ପୋଷିଲେ କଣ ହେବ ?

**ବୁଢ଼ା ବଅଲ- ହାତରେ ବୁଢ଼ୀ, ସେ କୁହୁଁକୁ ଚେରେ ମାନେ ବାଗୁର କାଥା କୁଲିଆରେ । ଆମର ଘେରେ ପିଲା ଛୁଆ ନାହିଁ । ସେ ଚେରେକେ ଘେରେ ପସଲେ ତକେ ମାଁ ଦଲତ ଆରୁ ମନେ ବୁଆ ଦଲତ । କେନତା ହତ ? ବୁଢ଼ୀର କାଥା ଶୁନତେ ଶାରଦା ଗରିଦା ହଲ । ଦିନେଁ ହତରେ ବୁଢ଼ା, ଯା' ଆନବିସ । ବୁଢ଼ା ବଅଲ, ଲଛେନତା ଗିଦରିଆ ହଲାଛେରେ ବୁଢ଼ୀ । ଆଁଖ ନାଁ ଦେଖବାର ତାଲା । ଆଁଖ ଦେଖତ, ପାଁକ ଫୁଟତ । ଉଡ଼େନ ହଲେ ସୁନେଁ ଆନଲେ କାଥା ହତ । ତୋ ବୁଢ଼ୀ ପାଚାରଲ- ନିରେ ବୁଢ଼ା, ହେତକି ଦିନ କାଁଟା ଖାତରେ, ସେ ବୁଢ଼ା ଦେଖଲ ଯେ ସେ ବୁଢ଼ୀ ତା'ର ପ**



ବୁଢ଼ା କହିଲା ସେହି କୁମ୍ଭାଟୁଆ ଚଢ଼େଇ ମଣିଷ ପରି କଥା କହିପାରେ । ଆମର ତ ପୁଅଝିଅ ନାହାଁନ୍ତି ତେଣୁ ସେହି ଚଢ଼େଇକୁ ଆଣି ଘରେ ପୋଷିଲେ ସେ ତୋତେ ମା ଓ ମୋତେ ବାପା ଡାକନ୍ତା । କଣ ତାକୁ ଆଣିବା ? ବୁଢ଼ୀ ମଧ ରାଜି ହେଲା ଓ ଚଢ଼େଇକୁ ଆଣିବାକୁ କହିଲା । ହେଲେ ବୁଢ଼ା କହିଲା ଦେଖ; ବୁଢ଼ୀ ସେ ଚଢ଼େଇ ଏବେ ଛୋଟ ହେଇଛି ଆଖି ଖୋଲିନି, ଆଖି ଖୋଲିବ, ପକ୍ଷୀ କାନ୍ଦିବ । ଉଡ଼ିବାର ହେଲେ ଆଣିବା । ବୁଢ଼ୀ ତା'କଥାରେ ଭଲି ଯାଇ କହିଲା ହଁରେ ବୁଢ଼ା ଏତେ ଦିନ ସେ କଣ ଖାଇବ ବୁଢ଼ା ଦେଖିଲା ବୁଢ଼ୀ ତା କଥାରେ ଭଲି ଯାଉଛି ।

**ଦେ ପରଲା ଦଅଲ – ସେ କିରା, ଛିତକା ନାଁ ଖାଏରେ । କୁକରା କଲଜା ଖା’ ଲିଆକେଁ । କେନ ଦେତରେ ବୁଢ଼ୀ, ମୁହଁ ଦିମିରେ ବୁଢ଼ା, ଏତିକି କୁକରା କାଁତି ଲାଗତ । ବୁଢ଼ା ଦେଖଲ, ବୁଢ଼ୀର କାଥା ଶୁନଲ ଆରୁ ଶାରଦା ହଲ । ସବୁଦିନ ବୁଢ଼ୀ କୁକରା ମାରଲେ ରାଁଦା ଦାଟା କିରି ସେ ବୁଢ଼ାକେ ଦିଏ । ବୁଢ଼ା ଝାରକେ ନିଏ ଆରୁ ଗେଛ ତଲେ ସୁକୁମ କେତେ ସୋରକୋ ସୋରକୋ ଖାଏ । ଏନତା କେତେ କେତେ ଦିନ ଗଲା । ଦିନେକ ସେ ବୁଢ଼ୀ ଦଅଲ, ନିରେ ବୁଢ଼ା, ସେ ଟେରେ ତୋ ରୋଟ ହତେ ରେତନେଁ । ଘେରକେ ଆନୁଁକେଁ । ଦିନେଁ ହତକେଁ । ଆମକେ ମାଁ ହୁଥା ନାଁ ବଲତ କେଁ । ସେ ବୁଢ଼ା ଆରୁ କାଁ ତେତ । ହଁ କେଲ, ସାକାଲ ହଲ ।**



ବୁଢ଼ୀ ପଚାରିଲା ସେ ଚଢ଼େଇ କଣ ଖାଏ ? ବୁଢ଼ା ବୁଦ୍ଧି ପାଂଚି କହିଲା, ଆରେ ବୁଢ଼ୀ ସେ ବୁଢ଼ୀ ଖାଲି କୁକୁଡ଼ା କଲିଜା ଖାଏ । ଆମର ତ ଗୁଡାଏ କୁକୁଡା ଚିଆଁ ଅଛନ୍ତି । ପ୍ରତିଦିନ ଗୋଟିଏ ଚିଆଁ ମାରି ତା’ର କଲିଜାକୁ ଭଲକରି ରୋଷେଇ କରି ମୁଁ ନେଇକି ଯିବି ସେ ଚଢ଼େଇ ଖାଇବ । ବୁଢ଼ା ହଁ କଲା ଓ ପ୍ରତିଦିନ ଗୋଟାଏ ଲେଖାଏଁ କୁକୁଡ଼ା ମାରି ରୋଷେଇ କରି ବୁଢ଼ାକୁ ଦିଏ ଓ ବୁଢ଼ା ସେଇ କୁକୁଡା ଓ କଲିଜାକୁ ନେଇ ଗଛ ତଳେ ଖୁସିରେ ଆରାମରେ ଖାଏ । ଏମିତି କିଛି ଦିନ ଗଲା । ଦିନେ ସେ ବୁଢ଼ୀ କହିଲା, ହଁରେ ବୁଢ଼ା ଚଢ଼େଇଟା ଏବେ ବଡ଼ ହୋଇଯାଇଥିବ । ଘରକୁ ଆଣ । ଦିନେ ଦିନେ ସେ ଆମକୁ ମା’ ବାପା ଡାକନ୍ତା ? ବୁଢ଼ା କଣ କହିବ ହଁ କଲା । ସକାଳ ହେଲା ।


ବୁଢ଼ୀ ଭୁଗା ଗଟେକ ଧେରଲ ଆରୁ ଚାଲଲ । ବୁଢ଼ା ଆରୁ କାଁ କେତ । ବୁଢ଼ୀ ଜାନଲେ ହୃରତ ବଲଛେ । ସେ ଗେଛ ଛୁମକେ ଗଲେ । ବୁଢ଼ା ବଅଲ । ବୁଢ଼ୀରେ ବୁଢ଼ୀ, ତର ଭୁଗାକେ ଧେରତେରେ । ମୁହଁ ଟେରେ ପିଲାକେ ଆନଛେଁ ବଲଛେ । ସେ ଟେରେ କେଁ ଆଛେ ଯେ ଆନତ କାଏଁ । ଛୁଟାଟାକେ ଭାଗଲ ଭାଗଲ ବଲତେ ଜୁରକୁଟି କେଲା । ତୋ ବୁଢ଼ୀ ଭୁଗାର ମାଡ୍ରେ ବୁଢ଼ାକେ ପିଟଲ କେଁ । ନିରେ ଖୁରଲି ବୁଢ଼ା, ମର ସବ କୁକରାକେ ଖାବାକେ ଇ ଫର୍ଦିଁ କଲିସ ନାହଁ, ମକେ ଠୁକଲିସରେ ବୁଢ଼ା ଦଅଲ ଆରୁ ଖୋରୋ ଖୋରୋ ହତେ ଘେରକେ ଭାଗତ ଆ'ଲ ।



ବୁଢ଼ୀ ପାଛିଆଟିଏ ଧରିଲା । ଆଉ ଗ୍ଭଲିଲା । ବୁଢ଼ା ଆଉ କଣ କରିବ । ବୁଢ଼ୀ ଜାଣିଲେ ରାଗିବ, ସେ ଗଛ ମୂଳକୁ ଗଲେ । ବୁଢ଼ା କହିଲା ବୁଢ଼ୀ ତୋର ପାଛିଆକୁ ଧର ମୁଁ ଚଢ଼େଇ ଛୁଆକୁ ଆଣେ, ହେଲେ ସେ ଚଢ଼େଇ ଅଛି ଯେ ବୁଢ଼ା ଆଣିବ ? ବୁଢ଼ୀ ବୁଢ଼ାକୁ କହିଲା ନାଁ ରେ ସେ ଚଢ଼େଇ କୁଆଡ଼େ ଉଡ଼ି ପଳେଇଗଲା । ବୁଢ଼ୀ ଏବେ ବୁଢ଼ାର ଚାଲାଖି ବୁଝିପାରିଲା ପାଛିଆରେ ଦେଲା ପାହାର । ହଇରେ ବୁଢ଼ା ମୋର ସବୁ କୁକୁଡ଼ାକୁ ଖାଇବାକୁ ଏ ଫନ୍ଦି କଲୁ ମତେ ଠକିଲୁ । ଆଉ ରାଗ ତମ ତମ ହୋଇ ଘରକୁ ପଳାଇ ଆସିଲା ।

# ମାମୁଁ କେ ଭାନ୍‌ଜା ଠଁକଲ (ମାମୁଁ ଠକିଲା ଭଣଜାକୁ)

ଗଟେକ୍ ଗାଁ ତି ଗାଜାଟୁରା ଜାନେକ ରେଲ । ତା'ର ବୁଆ କାଇନେ ମା ରେଲ । ତା'ର ମା ଆରୁ ସେ ଦୁକ୍ ଭଭୁତି କେତେ ଚଲତେଲେ । ତା'ର ମାମୁଁ ମେନେ ଚାରି ଜନ୍ ରେଲେ । ଚାର୍ ଭାଇ ଚୁରି କାମ୍ କେତେ ଖଉବ୍ ମାଜନ ହତେଲେ । ଦିନେକର କାଥା, ସେ ଟୁରା ପିଲା ତା'ର ମାଆକେ କ'ଲ ମା ମୋ ମା, ଆମ ମାମୁଁ ମେନେ ତ ବଡ଼ାର ମା ଜନ୍ ଘେରା ମୁଇଁ କେତେ ଥର ପଏସା ପତର୍ ମାଙ୍ଗଲେ ଫୁନି ନା ଦିଅଛେତ୍ । ମୁଇଁ ଗଟେ ବୁଦ୍ଧି କେନା । ତର ଭାଏ ମେନ୍‌କେ ନାଁ ଠଁକଲେ ନା ହୁଏନେ । ମୁଇଁ ଯେନ୍ତା ଯେନ୍ତା ବୁଲ୍‌ମି, ତୁଇ ସେନ୍ତା କିର୍‌ବିସ୍ ଟ ତା'ର ମା କଅଲ କେନ୍ତା କିରମି । "ରେ ମୋ ମା ରେ ମୁଇଁ ଗୁଟେକ ବୁଦ୍ଧି କେରଛେ ।ତୁଇ ଖଟେ ତୁମ୍ ପର୍‌ତେ ଶତେ ରିବିସ ମଲା ନେଖାନ୍ । ମୁଇଁ ଛିଡ଼ା ଖଣେକ ତାପ ଦିମି ଆରୁ କାନ୍ଦତିମି ।




ଏକ ଗ୍ରାମରେ ଜଣେ ପିତୃହରା ଯୁବକ ତା' ମାଆ ସହିତ ବାସ କରୁଥିଲା କାମ କରି ସେମାନେ ଚଳୁଥିଲେ । ତା'ର ଚାରି ଜଣ ମାମୁଁ ବହୁତ ଚୋର ଓ ଧନୀ ଥିଲେ । ଦିନକର କଥା ସେ ଅନାଥ ପିଲାଟି କହିଲା, 'ମା ଆମ ମାମୁଁମାନେ ବଡ଼ ମହାଜନ କିନ୍ତୁ ପଇସା ମାଗିଲେ ଦେଉ ନାହାନ୍ତି । ମୁଁ ଗୋଟିଏ ବୁଦ୍ଧି ପାଞ୍ଚିଛି । ତୋ ଭାଇ ମାନଙ୍କୁ ନ ଠକିଲେ ହେବନାହିଁ । ମୁଁ ଯେମିତି କହିବି ତୁ ସେମିତି କରିବୁ । ମା' କହିଲା କଣ କରିବା । ମା' ଖଟରେ ମଲା ପରିକା ଶୋଇ ରହିବୁ । ମୁଁ କନ୍ଥାଟେ ଘୋଡ଼ାଇ ଦେବି ଆଉ

**ମୁଇଁ ଯେନ୍ତା ବାଡ଼ି ଗଟେକ ଆନତେ ତକେ ରିଆ ଦିମି ତୁଇ ଉଷ୍ କେତେ ଉଠ୍‌ବିସ୍ । ଦେଖ୍ ନା ପାଶୁର୍ ବିସ୍ । ତା'ର ମାଇ କାଥାକେ ହଁ କେଲ । ଆରୁ ଖଟ୍ ଉପରେ ମଲା ନେଖାନ୍ ଶଲ । ଟୁରା କାନ୍ଦି କାନ୍ଦି ତା'ର ମାମୁଁ ଘେର୍ ମେନ୍‌କେ ଗଲ ଆରୁ କ'ଅଲ ମାମୁଁମେନେ ଆମ ମା' ମଲ । ମୁଇଁ ଏବେ କେନ୍ତା କେଡେ ଜୀମି । କଅ ନିଆଁ ତମେ ମେନେ ଚାର୍ ଭାଇ ଆଲାସ୍ । ଚାଲ ମାଡ଼ା ଆଁକାବାସ୍ । ତା'ର ମାମୁ ମେନେ ସେ କାଥା ଶୁନ୍‌ତେ ଟୁରା ପିଲାର୍ ଘେର୍‌କେ ଗଲେ । ଦେଖ୍‌ଲେ ସତକେ ସତ ତାକର ବଏନ ମଲାରେ । ଚାର୍ ଭାଇ ତା'ର ପେଛେ ବୁଡ଼ିକେ ଆଁକବାକେ ଖଟ ଉଠାବାକେ କେଲେ । ଏତ୍‌କି ବେଲ୍‌କେ ଟୁରା ପିଲା କଅଲ**



ମୁଁ ଯେମିତି ବାଡ଼ି ଗୋଟେ ଆଣି ତତେ ଛୁଆଁଇ ଦେବି ତୁ ଖଟରୁ ଉଠିଯିବୁ । ମା ହଁ କଲା । ମା ମରିବାର ଅଭିନୟ କଲା । ଯୁବକଟି ମା ମରିଗଲା ବୋଲି ମାମୁଁ ମାନଙ୍କୁ କହିଲା "ମୋ ମା ମରିଗଲା ଏବେ ମୁଁ କିପରି ବଞ୍ଚିବି । ତୁମେ ଚାରିଭାଇ ଅଛ । ଚାଲ ମଡ଼ା ଉଠାଇବା । ମାମୁଁମାନେ ଯୁବକର ଘରକୁ ଗଲେ, ଦେଖିଲେ ସତକୁ ସତ ତାଙ୍କ ଭଉଣୀ ମରିଯାଇଛି । ଚାରିଭାଇ ଭଉଣୀକୁ ପୋଡ଼ିବାକୁ ଖଟ ଉଠାଇବାକୁ ଗଲେ । ଏତିକିବେଳେ ଅନାଥପିଲା କହିଲା

“ମାମୁଁ ମେନେ ରିଆ ରିଆ ମୋର୍ ସୋର୍ ପରଛେ ଆସ ବୁଆ ଗଟେକ ବେତ ବାଡ଼ି ଆଲାସେ । ସେ ବେତବାଡ଼ି ଶଁରା ଦେଲେ, ମଲା ଲୋକ ମେନେ ଜୀବନ ପାଇତିଆନ୍ ଏନ୍ତା ବଲ୍ତେ ଯାଇରିଆ ଆରୁ ବେତବାଡ଼ି ଗଟେକ ଆନ୍ତେ ସଁରା ଦେଲ ଯେନ୍ତା ବେତ ବାଡ଼ି ସଁରାଦେଲ ତା’ର ମାଆ୍ରା ଭୁଷ୍କେତେ ଉଠ୍ତେ କଅଲ ମୁଇଁ ଶତେରିଲି ।ଆରୁ ଭାଇ ମାନକେ କଅଲଁ ତମେ ଇତି କାଏଁ କେରରାସ ।ଇ କାଥା ଦେଖ୍ତେ ତା’ର ଭାଇମେନେ କାବା ହଲେ । ଆରୁ ଟୁରା ପିଲାକେ ସେ ବେତ ବାଡ଼ି ମାଙ୍ଗଲେ । ଟୁରା ପିଲାକେ ଖୁଭ୍ବ ଗୁରି ଟଙ୍କା ପଏସା ଦେତେ ସେ ବେତ ବାଡ଼ି ନେଲେ । ଟଙ୍କା ପଏସା ପାତେ ଟୁରା ପିଲା ତଆରୁ ତା’ର ମାଆ ସୁକେ ଚଲ୍ଲେ । ଏନ୍ତା କେତେ ଟୁରା ପିଲା ତା’ର ମାମୁଁ ମେନ୍କେ ଠଁକଲ ।



ତା’ ପାଖରେ ଗୋଟେ ବେତ ବାଡ଼ି ଅଛି । ସେଇ ବେତ ବାଡି ଛୁଆଇଁ ଦେଲେ ମଲା ଲୋକେ ବଞ୍ଚନ୍ତି । ଏହା କହି ବେତ ବାଡି ଆଣିଲା ଓ ତା’ ମାଆକୁ ଛୁଆଇଁ ଦେଲା । ତା’ ମାଆ ଉଠି ବସିଲା । କହିଲା ମୁଁ ଶୋଇପଡ଼ିଥିଲି, ତା ମା’ ଭାଇମାନଙ୍କୁ କହିଲା, ତୁମେ ଏଠାରେ କଣ କରୁଛ । ଏକଥା ଦେଖି ଭାଇମାନେ କାବା ହେଲେ । ଆଉ ଅନାଥପିଲାକୁ ବେତ ବାଡ଼ି ମାଗିଲେ । ବହୁ ଅର୍ଥ ଦେଇ ତା ମାମୁଁମାନେ ତା’ ପାଖରୁ ବେତ ବାଡ଼ି ନେଲେ । ମାଆ ପୁଅ ସେ ଅର୍ଥରେ ସୁଖରେ ଚଳିଲେ ।

# "ବାବୁରେ ନାଁ ହନେ ହାଲାଝୁଲା"

ମନ୍ଦ୍ ପି ବିସ୍ ଗାଞ୍ଜି ପିବିସ୍ ଚାଠା ବଠା ସଙ୍ଗେ ସଙ୍ଗ୍ ହୁବିସ୍
ନାଁ ହଲା କାଥା ହୁବିସ୍ କଲେ ବଲେ ଦଁତ୍ ଦେଖାବିସ୍
ଲୋକେ ବଲ୍‌ବେ ତକେ ବାବୁ ବାରବୁଲା
ବାବୁରେ ନାଁ ହନେଁ ହାଲାଝୁଲା (୧)
ମୁଇଁ ଫୁନି ମନ୍ଦ୍ ପିଁଲି-ମୁଇଁ ଫୁନି ଗାଞ୍ଜି ପିଲିଁ ନାଁ ହବା କାଥା ହୁଲିଁ
ସର୍‌ଲା ବେଲ୍‌କେ ସୋର୍ ପାଁଲି ଏଛେନ୍ ମୁଇଁ ହଛେଁ ଗଲ୍ ଗଲା
ବାବୁରେ ନାଁ ହନେଁ ହାଲାଝୁଲା (୨)
ପାନିର୍ ଫୁଟ୍‌କା ଇ ଜୀବନ୍ ଏଛନ୍ ଆଛେ ଆର୍ ଛନ୍‌କେ ନାଇଁ
ଛନେକ୍ ର କାଯେ ଘିଚା ଟାନା ତୁଇ ବଲ୍‌ଛେସ୍ ମୁଇଁ ଆରୁ ବଲଛେଁ ମୁଇଁ
ବନେ କେତେ ଭାବ୍, କେନ୍ କାର୍ ବୁଆ କେ କାର୍ ପିଲା
କେନ୍ କାର୍ ଭେନି କେନ୍ କାର୍ ଶାଲା
ବାବୁରେ ନାଁ ହନେଁ ହାଲାଝୁଲା (୩)
ସବୁ ମିଛ୍, ସେ ଏକା ସତ୍, ସତ୍‌କେ ନାଁକେରା ଯତ୍‌ଖତ୍
ସେ ମାଲିକ୍ ଉପ୍‌ରେ ଆଛେଁ, ସବୁ ଦେଖୁଛେ, ସବ୍ ଜାନଛେ
ତାର ଲଗେ ସବୁ ନାଇଁ ସାନ୍ ବଡ୍ କାଥା ନାଁ କେଁର ଗଡ୍‌ବଡ୍
ଧରମ୍ ଦେବ୍‌ତା ଉଦରେ ବୁଡ୍‌ଛେ, ସେ ସବୁ ଦେଖଛେ ଠଁକାଛେ
ମିଛେ ହଁ ଛୁଁ ଆମେ ଚଲାବୁଲା
ବାବୁରେ ନା ହନେ ହାଲାଝୁଲା । (୪)

(ଲେଖକ ସମାଜର ଉଦୀୟମାନ ଯୁବକମାନଙ୍କୁ ଚେତନା ଦେବାକୁ କନ୍ଧାନ ଭାଷାରେ ଏହି ଗୀତ ରଚନା କରିଛନ୍ତି ।)
ତୁ ମଦ ପିଇବୁ, ଗଞ୍ଜେଇ ପିଇବୁ, ଖରାପ ପିଲା ମାନଙ୍କ ସହିତ ସଙ୍ଗ ହେବୁ ଆଉ ତୋତେ ପଚାରିଲେ ଦାନ୍ତ ନେଫେଡି ହସିବୁ । ତୁ ଆଉ ବେଶି ଚଗଲା ହୁଅନା । ମୁଁ ମଧ୍ୟ ଜୀବନରେ ମଦ, ଗଞ୍ଜେଇ ଖାଇ ସର୍ବହରା ହେଲା ବେଳକୁ ମୋର ଚେତନା ଜଗ୍ରତ ହେଲା । ଆଉ ମୋର ଏହି ଅବସ୍ଥା ବର୍ତ୍ତମାନ । ଏଇ ଜୀବନ ପାଣିର ଫୋଟକା, ଏବେ ଅଛି, ଏବେ ନାହିଁ । ଏହି ଦୁଇ ଦିନିଆ ଜୀବନ ପାଇଁ ଏତେ ଦ୍ୱନ୍ଦ କାହିଁକି ? ଏତେ ମତଭେଦ କାହିଁକି ? କିଏ କାହାର ବାପା ନୁହେଁ, କିଏ କାହାର ପୁଅ ନୁହେଁ । ଏ ଜୀବନ ଏକ ପ୍ରହେଳିକା । ଏ ସଂସାର ମିଛ । ପରମେଶ୍ୱର ହିଁ ସତ୍ୟ । ସୂର୍ଯ୍ୟ ଧର୍ମଦେବତା ଅଟନ୍ତି । ସେ ସବୁ ଜାଣୁଛି, ସବୁ ଦେଖୁଛି । ତା' ପାଖରେ କିଏ ବଡ଼ ନୁହେଁ କି କିଏ ସାନ ନୁହେଁ । ଆମେ ମିଛରେ ଦୁନିଆରେ ଚଳପ୍ରଚଳ ହେଉଛୁ । ଇଶ୍ୱର ହିଁ ସମସ୍ତଙ୍କ ମାଲିକ । ସେ ସର୍ବମୟ କର୍ତ୍ତା ।

# "ନା ହବା କାଥା ହଛେଁ"

ଇ ଯୁଗେ ପିଲାକେ ପିଲାକେ ପିଲା ବିଆ ହଲେନେ
ଟୁକିଲ୍ ମେନେ ପିଲା ହତେ ପୋ ପାଲେନେ
ଭୋଦୋମାସେ ଆସାର୍ ହଛେ
ନୂଆଁ ଖାବାକେ ଧାନ୍ ନା ମିଲଛେ
ରୋଡ୍ ରାସ୍ତାତି ଚାଲ୍‌ବାକେ ଡେର୍ ଲାଗ୍‌ଛେ
କେତେ ଦେଖ୍ ବାସ୍ ଫଟ୍ ପଟି-ଭିଡ୍ ହଛେ ମଦ୍ ଭାଟି
ନା ହବା ରୋଗ୍ ବେମାର୍ ଗାଗ୍‌ରେ ଆସଛେ
ହୁସିଆର ହୁଆ ହୁସିଆର୍ ହୁଆ ନାଁ ହବା କାଥା ହଛେ (୧)

ଧାଙ୍ଗରୀ ମେନେ ଫୁନ୍ ଧେର୍‌ତେ – ଖଲେ ବୁଲଛେତ୍
କାଥା ହତେ ରାତ୍ ଦିନ୍ ଘେର୍ ଛାଡ଼୍‌ଛେତ୍
କାଥା ହତେ ରାତ୍ ଦିନ୍ ଘେର୍ ଛାଡ଼୍‌ଛେତ୍
ମାର୍ କାଥା ଝି ନା ଜାନଛେ, ଝିର କାଥା ମାଁ
ନାଇଁନେ ଆରୁ ସେ ଦିନ୍ ଟାଉନ୍ ହଲନେ ଗାଁ
ଛୁମର୍ ଘେରେ-ବଏରି ଆରୁ ଧୁରର୍ ଘେରେ ବନ୍ଧୁ
କାଏଁ କେବାସ୍ ମର୍‌ତେ ଗଲ ମର୍ ବୁଆ କୁଟୁ ସିନ୍ଧୁ
ଫେର୍‌ରା ଫେର୍‌ରା ଗୀତ ଲେଖତେଲ
ସୋର୍ ପରଛେ
ହୁସିଆର ହୁଆ ହୁସିଆର୍ ହୁଆ ନାଁ ହବା କାଥା ହଛେ । (୨)

ଯୁଗ ବଦଳି ଯାଇଛି । ବିଜ୍ଞାନର ଅଗ୍ରଗତି ଯୋଗୁଁ ପୁଅମାନେ ଝିଅ ଆଉ ଝିଅମାନେ ପୁଅ ରୂପରେ ବଦଳି ଗଲେଣି । ବର୍ଷା ସମାୟାନୁକ୍ରମେ ହେଉ ନାହିଁ । ଦୁଇ ଚକିଆ ଯାନ ପ୍ରବଳ ହେଲାଣି । ମଦ ଭାଟିରେ ଲୋକେ ଭିଡ଼ ଜମେଇ ଦେଲେଣି । ଦିନକୁ ଦିନ ନୂଆ ନୂଆ ରୋଗ ବ୍ୟାଧି ମଣିଷକୁ ଆକ୍ରାନ୍ତ କଲାଣି । ତେଣୁ ବେଳ ହୁଁ ସାବଧାନ । ଯୁବତୀମାନେ ଗାଁ ଗହଳରେ ମୋବାଇଲ ଫୋନ୍‌ରେ ପ୍ରେମିକ ସହିତ କଥାବାର୍ତ୍ତା କରି ଉଭାନ ହୋଇ ଯାଉଛନ୍ତି । ସମୟ ଏମିତି ହେଲାଣି ମା'ର କଥା ଝିଅ ଜାଣୁ ନାହିଁ ଆଉ ଝିଅର କଥା ମା' ଜାଣୁ ନାହିଁ । ଆଉ ପୂର୍ବକାଳର ସେଇ ପଲ୍ଲୀ ବର୍ତ୍ତମାନ ଆଉ ନାହିଁ । ସହରୀ ସଭ୍ୟତାର ଲେଲିହାନ ଶିଖାରେ ସହର ପାଲଟି ଗଲାଣି । ବର୍ତମାନ ସମୟ ଏମିତି ହେଲାଣି ଯେ ପଡୋଶୀ ଘରେ ଶତୃ ହେଲେଣି ଓ ଦୂର ଘର ମାନେ ବନ୍ଧୁ । କ'ଣ କହିବା ମୋର ବାପା କୁଟୁ ସିନ୍ଧୁ ମାଝୀ ପରଲୋକ ଗତ ହେଲେ । ସେ ବଂଚିଥିଲା ବେଳେ ଗୁଡାଏ କନ୍ଧାନ ଗୀତ ଲେଖିଛନ୍ତି । ସେ ମନେ ପଡୁଛନ୍ତି ।



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର